# NATIONAL NEWS BULLETIN (ODIA)

## 21 March - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟଗୁଡ଼ିକ ପାଇଁ ଅତିରିକ୍ତ ୨୦ ପ୍ରତିଶତ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ଅନୁମୋଦିତ

– ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର କୌଣସି ଅଭାବ ନାହିଁ ବୋଲି ସ୍ପଷ୍ଟ କଲେ କେନ୍ଦ୍ର ସରକାର

- ଯୁଦ୍ଧର ସମ୍ପୂର୍ଣ୍ଣ ତଥା ସ୍ଥାୟୀ ସମାପ୍ତି ପାଇଁ ଦାବି ଉପସ୍ଥାପନ କଲା ଇରାନ

- କେରଳମ ବିଧାନସଭା ନିର୍ବାଚନ ପାଇଁ ୧୧ ଜଣ ପ୍ରାର୍ଥୀଙ୍କ ତୃତୀୟ ତାଲିକା ପ୍ରକାଶ କଲା ବିଜେପି

ଏବଂ

- ଦୁଇଦିନିଆ ତୃତୀୟ ଉତ୍ତର-ପୂର୍ବ ଭାରତ ଚଳଚ୍ଚିତ୍ର ମହୋତ୍ସବ-୨୦୨୬ ଇମ୍ଫାଲ ଆରମ୍ଭ

## ଗଉ-ଏଲ୍‌ପିଜି

ରାଜ୍ୟଗୁଡ଼ିକୁ ଆଉ ଅତିରିକ୍ତ ୨୦ ପ୍ରତିଶତ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣକୁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ମୋଟ୍ ଏଲପିଜି ଆବଣ୍ଟନ ୫୦ ପ୍ରତିଶତକୁ ବୃଦ୍ଧି ପାଇବ। ସେଥିମଧ୍ୟରେ ପିଏନ୍‌ଜି ସମ୍ପ୍ରସାରଣ କ୍ଷେତ୍ରରେ ସହଜତା ଆଧାରିତ ୧୦ ପ୍ରତିଶତ ଆବଣ୍ଟନ ଅର୍ନ୍ତଭୁକ୍ତ। ଏହି ଅତିରିକ୍ତ ଏଲ୍‌ପିଜି ରାଜ୍ୟଗୁଡ଼ିକର ରେଷ୍ଟୁରାଣ୍ଟ, ଢାବା, ହୋଟେଲ, କ୍ୟାଣ୍ଟିନ, ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଆଦିକୁ ଆବଣ୍ଟନ ପାଇଁ ପ୍ରାଥମିକତା ପ୍ରଦାନ କରାଯିବ। ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର କୌଣସି ଅଭାବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଏଥିପାଇଁ ଭୟଭୀତ ନ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଘରୋଇ ଏଲ୍‌ପିଜି ଉତ୍ପାଦନ ବୃଦ୍ଧି କରାଯାଇଛି। ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ପିଏନ୍‌ଜି ସଂଯୋଗକୁ ପ୍ରାଥମିକତା ଦେବା ଲକ୍ଷ୍ୟ ନେଇ ସହରାଞ୍ଚଳରେ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରମୁଖ ସହର ଏବଂ ସହରାଞ୍ଚଳରେ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ପିଏନ୍‌ଜି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

ବେଆଇନ ମହଜୁଦକାରୀ ଏବଂ କଳାବଜାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର’ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ, ଭାରତୀୟ ନାବିକଙ୍କ ସୁରକ୍ଷା ଏବଂ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ନିରନ୍ତରତା ବଜାୟ ରଖିବା ପାଇଁ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି ।

ପଶ୍ଚିମ ଏସିଆରେ ରହୁଥିବା ଭାରତୀୟଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି । ସଂଘର୍ଷ ଆରମ୍ଭ ହେବା ପରଠାରୁ ପ୍ରାୟ ୩ ଲକ୍ଷ ୩୦ ହଜାର ଲୋକ ସେହି ଅଞ୍ଚଳରୁ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ବିଭିନ୍ନ ଦେଶରୁ ବିମାନ ଉଡ଼ାଣ ଜାରି ରହିଛି ଏବଂ ଆକାଶପଥ ପ୍ରତିବନ୍ଧକ ଥିବା ଅଞ୍ଚଳଗୁଡ଼ିକ ପାଇଁ ସରକାରଙ୍କ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଇରାନ୍ ୱାର୍ ଏଣ୍ଡ

ମଧ୍ୟପ୍ରାଚ୍ୟରେ ଅସ୍ଥାୟୀ ଯୁଦ୍ଧବିରତିକୁ ଇରାନ ପ୍ରତ୍ୟାଖ୍ୟାନ କରିଛି । ତେବେ ସଂଘର୍ଷର ସମ୍ପୂର୍ଣ୍ଣ ତଥା ସ୍ଥାୟୀ ସମାପ୍ତି ଉପରେ ଗୁରୁତ୍ୱ ଦିଆଯିବ ବୋଲି ଇରାନ୍‌ର ବୈଦେଶିକ ମନ୍ତ୍ରୀ ସୟଦ ଆବାସ ଅର୍ଘାଚି କହିଛନ୍ତି ।

ଗଣମାଧ୍ୟମ ସହ ଟେଲିଫୋନ  ଯୋଗେ କଥାବାର୍ତ୍ତାବେଳେ ଶ୍ରୀ ଅର୍ଘାଚି ଆମେରିକା ଏବଂ ଇସ୍ରାଏଲ ଆକ୍ରମଣକୁ ବେଆଇନ ଓ ଅନାବଶ୍ୟକ ପଦକ୍ଷେପ ଭାବେ ବର୍ଣ୍ଣନା କରିଛନ୍ତି। ଅନ୍ତର୍ଜାତୀୟ ସମୁଦାୟ ଏଭଳି ପଦକ୍ଷେପକୁ ପ୍ରତିରୋଧ କରିବାକୁ ସେ ଅନୁରୋଧ କରିଛନ୍ତି। ଭବିଷ୍ୟତରେ ଇରାନ୍ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ କ୍ଷତିପୂରଣକୁ ଯୁଦ୍ଧ ସମାପ୍ତି ପ୍ରସ୍ତାବରେ ଅନ୍ତର୍ଭୁକ୍ତ କରାଯିବା ଉଚିତ ବୋଲି ଶ୍ରୀ ଅର୍ଘାଚି କହିଛନ୍ତି। ଯୁଦ୍ଧ ଶେଷ ନେଇ କୂଟନୈତିକ ପ୍ରୟାସ ଜାରି ରହିଥିଲେ ମଧ୍ୟ ଆମେରିକା ପ୍ରକୃତ ସମାଧାନ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହିଁ ବୋଲି ଶ୍ରୀ ଅର୍ଘାଚି ଅଭିଯୋଗ କରିଛନ୍ତି। ହର୍ମୁଜ ପ୍ରଣାଳୀ ଦେଇ ଜାପାନ ଜାହାଜଗୁଡ଼ିକୁ ସହଯୋଗ ପ୍ରଦାନ କରିବାକୁ ତେହରାନ୍ ପ୍ରସ୍ତୁତ ବୋଲି ଶ୍ରୀ ଅର୍ଘାଚି କହିଛନ୍ତି। ଆମେରିକା ସେନାକୁ ବ୍ରିଟିଶ ଅଞ୍ଚଳ ବ୍ୟବହାର କରିବା ନେଇ ଅନୁମତି ପ୍ରଦାନ ପରିପ୍ରେକ୍ଷୀରେ ଶ୍ରୀ ଅର୍ଘାଚି’ ବ୍ରିଟେନ ପ୍ରଧାନମନ୍ତ୍ରୀ କେୟର ଷ୍ଟାରମର୍‌ଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ବ୍ରିଟେନ୍‌ର ଗୃହ ସଚିବ ୟେଭେଟ୍ କୁପର ବ୍ରିଟେନ୍ ଘାଟି ଅଞ୍ଚଳଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣରୁ ଦୂରେଇ ରହିବାକୁ ଇରାନ୍‌କୁ ଚେତାବନୀ ଦେଇଛନ୍ତି।

ଇରାନ ବିପକ୍ଷରେ ସାମରିକ ଅଭିଯାନ ବନ୍ଦ କରିବା ପାଇଁ ବିଚାର କରାଯାଉଛି ବୋଲି ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ସାମାଜିକ ଗଣମାଧ୍ୟମ ‘ଟ୍ରୁଥ୍’ରେ ଏ ସମ୍ପର୍କରେ ସୂଚନା ଦେଇ

ସେ କହିଛନ୍ତି, ଆମେରିକାର ସାମରିକ ଅଭିଯାନର ଉଦ୍ଦେଶ୍ୟ ପୂରଣ ହେବାକୁ ଯାଉଛି। ତେଣୁ ମଧ୍ୟପ୍ରାଚ୍ୟରେ ସଂଘର୍ଷକୁ ବନ୍ଦ କରିବା ନେଇ ଚିନ୍ତା କରାଯାଉଛି ବୋଲି ସେ କହିଛନ୍ତି।  ଇରାନ୍‌ର ଗ୍ୟାସ କ୍ଷେତ୍ରଗୁଡ଼ିକ ଉପରେ ଆମେରିକା ପକ୍ଷରୁ ଆଉ ଆକ୍ରମଣ କରାଯିବ ନାହିଁ ବୋଲି ଗତ ଗୁରୁବାର ଦିନ ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଥିଲେ।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟ ଇରାନ୍‌ର ଗ୍ୟାସ କ୍ଷେତ୍ରଗୁଡ଼ିକ ଉପରେ ହେଉଥିବା ଆକ୍ରମଣକୁ ବନ୍ଦ କରିବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି। ରାଷ୍ଟ୍ରପ୍ରତି ଟ୍ରମ୍ପଙ୍କ ଅନୁରୋଧକ୍ରମେ ଇସ୍ରାଏଲ ଏଭଳି ନିଷ୍ପତ୍ତି ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି।

# ବିଜେପି- କେରଳମ୍ ଥାର୍ଡ ଲିଷ୍ଟ

ବିଜେପିର ପକ୍ଷରୁ କେରଳମ୍‌ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ୧୧ ଜଣ ପ୍ରାର୍ଥୀଙ୍କ ତୃତୀୟ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ କୋଭାଲମ୍ ବିଧାନସଭା ଆସନରୁ ଟି.ଏନ୍.ସୁରେଶ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ପିରୁମାଡେ ଆସନରୁ ଭି.ରଥେଶ୍, ମାଭେଲିକାରରୁ ଆଜିମୋନଙ୍କ ନାମ ରହିଛି। ଅନ୍ୟପକ୍ଷରେ ବିବେକ ଗୋପନ ଆରୁଭିକାରା ଆସନରୁ ପ୍ରତିଦ୍ୱନ୍ଦିତା କରିବାକୁ ଥିବା ବେଳେ ଚାଭାରା ଆସନରୁ ଦଳୀୟ ପ୍ରାର୍ଥୀ କେ.ଆର୍. ରାଜେଶ ପ୍ରତିଦ୍ୱନ୍ଦ୍ୱିତା କରିବେ। ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ଦ୍ୱାରା ପ୍ରାର୍ଥୀଙ୍କ ନାମ

ଚୂଡ଼ାନ୍ତ କରାଯାଇଛି। କେରଳମ୍‌ର ୧୪୦ ସଦସ୍ୟ ବିଶିଷ୍ଟ ବିଧାନସଭା ଆସନ ପାଇଁ ମତଦାନ ଏପ୍ରିଲ ୯ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଭୋଟ୍‌ଗଣତି ମେ ମାସ ୪ ତାରିଖରେ ହୋଇ ଫଳାଫଳ ପ୍ରକାଶ ପାଇବ।

## ପିଏମ୍‌–ଇରାନ୍ ପ୍ରେଜ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇରାନ୍ ରାଷ୍ଟ୍ରପତି ଡକ୍ଟର ମାସୁଦ ପେଜେଶକିୟାନଙ୍କ ସହ କଥାବାର୍ତ୍ତା କରି ଇଦ୍ ଏବଂ ନୌରୋଜ ପର୍ବର ଶୁଭେଚ୍ଛା ଜଣାଇଛନ୍ତି। ଏହି ପର୍ବ ପଶ୍ଚିମ ଏସିଆରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ଆଣିବ ବୋଲି ଉଭୟ ନେତା ଆଶା ପ୍ରକାଶ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ’ ଏହି ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ହୋଇଥିବା ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ଏହା ଆଞ୍ଚଳିକ ସ୍ଥିରତାକୁ ବିପଦରେ ପକାଇବା ସହ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ବିପର୍ଯ୍ୟସ୍ତ କରିଛି ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ ମଧ୍ୟ ନୌଚାଳନାର ସ୍ୱାଧୀନତାକୁ ସୁରକ୍ଷା ଦେବା ସହ ଜାହାଜ ଓ ଚଳାଚଳ ପଥଗୁଡ଼ିକୁ ଉନ୍ମୁକ୍ତ ଏବଂ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଇରାନ୍‌ରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ପାଇଁ ଇରାନ୍‌ର ସମର୍ଥନକୁ ସେ ଉଚ୍ଚପ୍ରଶଂସା କରିଛନ୍ତି।

# ପିଏମ୍‌-ଆର୍ଟିକିଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେନ୍ଦ୍ର ମନ୍ତ୍ରୀ ସି.ଆର୍‌.ପାଟିଲଙ୍କ ଦ୍ୱାରା ଲିଖିତ ଏକ ଲେଖାକୁ ସେୟାର କରିଛନ୍ତି। ଏଥିରେ ଦେଶରେ ଜଳସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି, ଏହି ଲେଖାଟି ଜଳ ପରିଚାଳନା ପ୍ରତି ଭାରତର ଆଭିମୁଖ୍ୟ, ସଂରକ୍ଷଣ, ସ୍ଥାୟୀ ବ୍ୟବହାର ଏବଂ ଦୃଢ଼ ଭିତ୍ତିଭୂମି ଉପରେ ଏହା ପର୍ଯ୍ୟବେସିତ। ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ସମଗ୍ର ଦେଶରେ ସାମଗ୍ରୀକ ଏବଂ ସମନ୍ୱିତ ଜଳ ପରିଚାଳନା ଦିଗରେ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ଆଣିଛି ବୋଲି ଏହି ଲେଖାରେ ଉଲ୍ଲେଖ ଥିବାର ଶ୍ରୀ ମୋଦୀ କହିଛନ୍ତି।

# ରାଜନାଥ ସିଂହ- ଉତ୍ତରାଖଣ୍ଡ

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ବିଶ୍ୱ ଏକ ସଂକଟ ସମୟ ଦେଇ ଗତି କରୁଥିବା ବେଳେ ବିଭିନ୍ନ ଅଞ୍ଚଳରେ ସଂଘର୍ଷ ଜାରି ରହିଛି। ସେ କହିଛନ୍ତି, ପଶ୍ଚିମ ଏସିଆରେ ଚାଲିଥିବା ଆକ୍ରମଣ କେବଳ ଭାରତ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ଚିନ୍ତାର ବିଷୟ ପାଲଟିଛି। ପଶ୍ଚିମ ଏସିଆରେ ଜାରି ରହିଥିବା ସଂଘର୍ଷରୁ ଉପୁଜିଥିବା ସମ୍ଭାବ୍ୟ ଶକ୍ତି ଏବଂ ଖାଦ୍ୟ ସଂକଟ ବିଷୟରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀଙ୍କ ନେତୃତ୍ୱରେ ଦେଶ ଏ ପର୍ଯ୍ୟନ୍ତ ଏଭଳି ସଂକଟରୁ ସୁରକ୍ଷିତ ରହିଛି। ରାଜ୍ୟ ସରକାରଙ୍କ ଶାସନର ୪ ବର୍ଷ ପୂର୍ତ୍ତି ଅବସରରେ ସେ ଉତ୍ତରାଖଣ୍ଡର ହଲଦ୍ୱାନୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି।

**V/O–RAJNATH-SINGH**

ଭାରତ ଏହି ପ୍ରସଙ୍ଗରେ ସ୍ୱଷ୍ଟ ମତ ରଖିଥିବାବେଳେ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମାଧାନର ପନ୍ଥା ବାହାର କରିବା ଉଚିତ ବୋଲି ଶ୍ରୀ ସିଂହ ଗୁରୁତ୍ୱାରୋପ କରିଛନ୍ତି।

# ମଣିପୁର-ଏନ୍‌ଇଆଇଏଫ୍‌ଏଫ୍

ତୃତୀୟ ଉତ୍ତର-ପୂର୍ବ ଭାରତ ଚଳଚ୍ଚିତ୍ର ମହୋତ୍ସବ-ନିଫ-୨୦୨୬ ଆଜିଠାରୁ ଇମ୍ଫାଲଠାରେ ଆରମ୍ଭ ହୋଇଛି। ତାନ୍ଥାପୋଲିସ୍ ସିନେମା ଲାମ୍ଫେଲଠାରେ ଆୟୋଜିତ ହେଉଥିବା ଏହି ଦୁଇଦିନିଆ ଚଳଚ୍ଚିତ୍ର ମହୋତ୍ସବରେ ଦେଶର ଉତ୍ତର-ପୂର୍ବ କ୍ଷେତ୍ରର ୯ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ସେଥିମଧ୍ୟରେ ମଣିପୁରର ଚାରୋଟି, ଆସାମର ୪ଟି ଏବଂ ଗୋଟିଏ ମେଘାଳୟ (ଖାସି) ଚଳଚ୍ଚିତ୍ର ଅନ୍ତର୍ଭୁକ୍ତ। ଏହି ମହୋତ୍ସବ ଉତ୍ତର-ପୂର୍ବ କ୍ଷେତ୍ରରେ ଚଳଚ୍ଚିତ୍ର ଶିଳ୍ପର ବିକାଶକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଆଶା କରାଯାଉଛି।